


## ସଂକ୍ଷେପରେ

### କୃମି ବଟିକା ଖାଇ ଚେତା ହରାଇଲେ ଛାତ୍ର

**ବୈପାରୀଗୁଡ଼ା,୨୬।୯(ଡି.ଏନ୍.ଏ.):** ବୈପାରୀଗୁଡା ବ୍ଲକ ଗୁପ୍ତେଶ୍ୱର ପଞ୍ଚାୟତ ଶିରିବେଡା ପ୍ରାଥମିକ ବିଦ୍ୟାଳୟରେ କୃମି ବଟିକା ଖାଇ ଜଣେ ଛାତ୍ର ଗୁରୁତର ହୋଇଛନ୍ତି। ସେ ହେଲେ ରାମସନ୍ ଦୁରୁଆ (୧୧)। ବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ରଙ୍କୁ କୃମି ବଟିକା ଖାଇବାକୁ ଦିଆଯାଇଥିବା ବେଳେ ଏହାର କିଛି ସମୟ ପରେ ରାମସନ୍ ଚେତା ହରାଇଥିଲେ। ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡାକ୍ତର ଅଧିରାଜ ସାହୁ ବିଦ୍ୟାଳୟକୁ ଆମ୍ବୁଲାନ୍ସ ପଠାଇ ଉକ୍ତ ଛାତ୍ରଙ୍କୁ ରାମଗିରି ଡାକ୍ତରଖାନାରେ ଭର୍ତ୍ତି କରିଥିଲେ । ପରେ ତାଙ୍କୁ ବୈପାରୀଗୁଡ଼ା ସ୍ଥାନାନ୍ତର କରାଯାଇଥିଲା। ସେଠାକାର ଡାକ୍ତର ବିଶ୍ୱଜିତ ଭୂୟାଁ କହିଛନ୍ତି ଯେ, ରାମସନ୍ ପୂର୍ବରୁ ଜ୍ୱରରେ ପୀଡ଼ିତ ଥିବାବେଳେ ସେ ଏହି ବଟିକା ଖାଇବା ବେଳେ ଭୟଭୀତ କାରଣରୁ ମୂର୍ଚ୍ଛା ହୋଇ ଯାଇଥିଲେ। ଜ୍ୱରରେ ପୀଡ଼ିତା ପିଲାଙ୍କୁ ଏହି ବଟିକା ଦିଆଯିବା ଉଚିତ୍ ନୁହେଁ। ପୂର୍ବରୁ ବିଦ୍ୟାଳୟରେ ମେଡିକାଲ କର୍ମଚାରୀଙ୍କ ଉପସ୍ଥିତିରେ ପିଲାଙ୍କୁ କୃମି ବଟିକା ଦିଆଯାଇ ଘଣ୍ଟାଏ କାଳ ଅବଜର୍ଭେସନରେ ରଖାଯାଉଥିଲା। ଏବେ ଶିକ୍ଷକଙ୍କୁ ତାଲିମ ଦିଆଯାଇ ମେଡିକାଲ କର୍ମଚାରୀଙ୍କ ବିନା ସହାୟତାରେ ପିଲାଙ୍କୁ ବଟିକା ଖାଇବାକୁ ଦିଆଯାଉଛି । ଯାହାକୁ ନେଇ ଅଭିଭାବକ ଅସନ୍ତୋଷ ପ୍ରକାଶ କରିଛନ୍ତି।

### ବାରହା ଶିକାର ପାଇଁ ଟଣାଯାଇଥିଲା ବିଦ୍ୟୁତ୍ ତାର
### ସଂସ୍ପର୍ଶରେ ଆସି ଦୁଇ ବଳଦଙ୍କ ମୃତ୍ୟୁ

**ଦଶମନ୍ତପୁର, ୨୬।୯(ଡି.ଏନ୍.ଏ):** ଦଶମନ୍ତପୁର ବ୍ଲକ୍ କେ. ଦଣ୍ଡାବାଡ ଗ୍ରାମ ନିକଟସ୍ଥ ସାରିଆ ବେଡ଼ାରେ ବାରହା ଶିକାର ପାଇଁ ଟଣାଯାଇଥିବା ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଦୁଇ ବଳଦଙ୍କ ମୃତ୍ୟୁ ଘଟିଛି। ମଙ୍ଗଳବାର ଜଗନ୍ନାଥ ବିଷୋଇ ଭୋରରୁ ଉଠି ଚାଷ କରିବା ପାଇଁ ବିଲକୁ ଯିବାକୁ ବାହାରି ଥିଲେ। କିଛି ଦୁର୍ବୃତ୍ତ ଆଦିବାସୀ ସାହି ଆଡକୁ ବାରହା ଶିକାର କରିବା ପାଇଁ ବିଦ୍ୟୁତ୍ ତାର ଲଗାଇଥିବାରୁ ତାର ସଂସ୍ପର୍ଶରେ ଆସି ତାଙ୍କର ଦୁଇଟି ବଳଦଙ୍କ ମୃତ୍ୟୁ ଘଟିଛି। ତେବେ ବଳଦଙ୍କ ପଛରେ ଥିବାରୁ ଜଗନ୍ନାଥ ଅଳ୍ପକେ ମୃତ୍ୟୁ ମୁଖରୁ ବର୍ତ୍ତି ଯାଇଛନ୍ତି। ବାରହା ଶିକାର କରି ମାଂସ ଖାଇବା ସହ ବିକ୍ରି କରିବା ପାଇଁ ଏଭଳି କାର୍ଯ୍ୟ ଅନେକ ଦିନରୁ ସେମାନେ କରିଆସୁଛନ୍ତି। କିନ୍ତୁ ମଙ୍ଗଳବାର ବରାହ୍ ବଦଳରେ ବଳଦ ଶିକାର ହୋଇଯିବା ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ପ୍ରତିକ୍ରିୟା ପ୍ରକାଶ ପାଇଛି। ଗ୍ରାମର ବନମାଳି ବିଷୋଇଙ୍କୁ ଘଟଣା ସମ୍ପର୍କ ପଚାରିବାରୁ ସେ କହିଛନ୍ତି, ଏଥିରେ ୭ ଜଣ ଲୋକଙ୍କ ସମ୍ପୃକ୍ତି ଥାଇପାରେ। କିନ୍ତୁ ସେମାନଙ୍କ ନାମକୁ ସେ ଗୋପନ ରଖିଛନ୍ତି। ହେଲେ ଉକ୍ତ ଗ୍ରାମରେ ମାଂସ ପାଇଁ କିଛି ଲୋକ ନିୟମିତ ବ୍ୟବଧାନରେ ବରାହ୍ ଶିକାର କରିଥାନ୍ତି ବୋଲି ଜଣାପଡ଼ିଛି। କିନ୍ତୁ ବନ ବିଭାଗ ଏଥିପ୍ରତି କୌଣସି ପଦକ୍ଷେପ ନେଉ ନ ଥିବା ଜଣାପଡ଼ିଛି। ସେହିପରି ପୂର୍ବରୁ ଗିର୍ଲିଗୁମ୍ମାରେ ଏପରି ବାରହା ଶିକାର ପାଇଁ ବିଛାଯାଇଥିବା ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଦମ୍ପତିଙ୍କ ମୃତ୍ୟୁ ଘଟିଥିଲା।

# ଗୁଳିମାଡ଼ ଘଟଣାରେ ତେଜିଲା ରାଜନୀତି

**ଜୟପୁର,୨୬।୯(ନି.ପ୍ର./ଡି.ଏନ୍.ଏ.)**

**ରବି-ତାରା ବାକ୍ ଯୁଦ୍ଧ**
- ପୂର୍ବତନ ମନ୍ତ୍ରୀଙ୍କୁ ଗିରଫ କରାଯାଉ: ତାରା
- ସଇତାନ ମୁହଁରେ ବେଦପାଠ: ରବି

ଜୟପୁର ନିର୍ବାଚନ ମଣ୍ଡଳୀର ସାଧାରଣ ଜନତା ଅସୁରକ୍ଷିତ । ବନ୍ଧୁକ ମୁନରେ ଲୋକଙ୍କୁ ଭୟଭୀତ କରାଯାଉଛି । ବିନା ଲାଇସେନ୍ସରେ ପାନ ଦୋକାନରୁ ଆରମ୍ଭ କରି ହୋଟେଲରେ ମଦ ମିଳୁଛି। ମଦ ବ୍ୟବସାୟକୁ ନେଇ ମଙ୍ଗଳବାର ଗୁଳିକାଣ୍ଡ ଘଟିଥିବା ଏକ ଖବରଦାତା ସମ୍ମିଳନୀରେ ବୁଧବାର ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି କହିଛନ୍ତି। ୨ ତାରିଖ ସୁଦ୍ଧା ଉକ୍ତ ଘଟଣାର ଅଭିଯୁକ୍ତଙ୍କ ସହ ପୂର୍ବତନ ମନ୍ତ୍ରୀ ରବି ନନ୍ଦ ଓ ଅନ୍ୟ ସହଯୋଗୀଙ୍କୁ ଗିରଫ କରାନଗଲେ କଂଗ୍ରେସ ରାଜରାସ୍ତାକୁ ଓହ୍ଲାଇବା ସହ ଜୟପୁର ବନ୍ଦ କରିବାକୁ ଚେତାବନୀ ଦେଇଛି।

ତାରା ବିଜେଡିକୁ ଖୋଲାଖୋଲି ଟାର୍ଗେଟ୍ କରି କହିଛନ୍ତି ଯେ, ଜୟପୁର ବିଜେଡିର ବହୁ ନେତା ଅପରାଧୀ। ସେମାନେ ବନ୍ଧୁକ ଧରି ବୁଲୁଛନ୍ତି ଗତବର୍ଷ ମଧ୍ୟ କାଠଗଡ଼ାରେ ଫାଙ୍କା ଗୁଳି ଚାଳନା ହୋଇଥିଲା। ଦଳର କେତେକ ନେତା ଗଞ୍ଜେଇ କାରବାରରେ ସମ୍ପୃକ୍ତ ରହିଛନ୍ତି। ମଙ୍ଗଳବାର ଗୁଳିକାଣ୍ଡରେ ପୂର୍ବତନ ମନ୍ତ୍ରୀଙ୍କ ହାତ ରହିଛି। ସେ ଓ କ୍ରୀଡ଼ାମନ୍ତ୍ରୀଙ୍କ ସହ ଅଭିଯୁକ୍ତ ଯୁବନେତା ବିକାଶ ପାତ୍ରଙ୍କ ସମ୍ପର୍କ ନେଇ ସମ୍ମିଳନୀରେ ଫଟୋ ଦେଖାଇଥିଲେ ବାହିନୀପତି। ଅପରାଧୀଙ୍କୁ ସହାୟତା ଅଭିଯୋଗରେ ପୂର୍ବତନ ମନ୍ତ୍ରୀଙ୍କୁ ଗିରଫ କରାଯାଉ ଓ କ୍ରୀଡ଼ାମନ୍ତ୍ରୀ ଇସ୍ତଫା ଦିଅନ୍ତୁ ବୋଲି ତାରା ଦାବି କରିଛନ୍ତି। ସେହିପରି ବିଜେଡି ଅନୁସୂଚିତ ଜାତି ସେଲର ଜିଲା ସଭାପତି ରଞ୍ଜିତ ବାଘଙ୍କ ନାମରେ ୫୦ରୁ ଅଧିକ ଅପରାଧିକ ମାମଲା ରହିଛି । ଜୟପୁର ନିର୍ବାଚନ ମଣ୍ଡଳୀରେ ୩ ହଜାରରୁ ଅଧିକ ପିସ୍ତଲ ଓ ମାଉଜର ବୁଲୁଛି। ଏ ଦିଗରେ ମୁଖ୍ୟମନ୍ତ୍ରୀ ପଦକ୍ଷେପ ନେବାକୁ ସେ ଦାବି କରିଛନ୍ତି।

ଏ ସମ୍ପର୍କରେ ପୂର୍ବତନ ମନ୍ତ୍ରୀ ରବି ନାରାୟଣ ନନ୍ଦ ପ୍ରତିକ୍ରିୟା ରଖି କହିଛନ୍ତି, ନିଜେ ତାରା କାଚଘରେ ରହି ଅନ୍ୟକୁ ଟେକା ମାରିଲେ ଫଳ ଓଲଟା ହେବ। ସଇତାନ ମୁହଁରେ ବେଦପାଠ ଶୋଭା ପାଉନାହିଁ । ବିଧାୟକ ବାହିନୀପତି ରାଜ୍ୟସ୍ତରୀୟ ଅପରାଧି ବେଲୁ, ହାଇଦର, ରମେଶ ଜେନାଙ୍କ ସହ ସମ୍ପର୍କ ରଖିଛନ୍ତି । ଜୟପୁର ସହରର ବର୍ତ୍ତମାନ ବଡ଼ ଗଞ୍ଜେଇ ମାଫିଆ ତାଙ୍କ ପ୍ରୋତ୍ସାହନରେ କାର୍ଯ୍ୟ କରୁଛନ୍ତି।

## ମଦ ବ୍ୟବସାୟରୁ ମହାଭାରତ
### ରାଜ୍ୟ ବାହାରେ ବିକାଶଙ୍କୁ ଖୋଜୁଛି ପୋଲିସ

**ଜୟପୁର,୨୬।୯(ନି.ପ୍ର.)**

ଯୁବ ବିଜେଡି ନଗର ସଭାପତି ବିକାଶ ପାତ୍ରଙ୍କୁ ଗିରଫ କରିବା ପାଇଁ ପୋଲିସ ରାଜ୍ୟ ବାହାରେ ପହଞ୍ଚିଛି। ବିକାଶଙ୍କ ବ୍ୟାଙ୍କ ଆକାଉଣ୍ଟ ବାଜ୍ୟାପ୍ତ କରାଯିବା ସହ ସେ ଚଳାଇଥିବା ମଦ ଦୋକାନକୁ ବି ପୋଲିସ ଜବତ କରିଛି। ମଦ ବେପାରକୁ ନେଇ ଏଭଳି କାଣ୍ଡ ଘଟିଛି। ସନ୍ତୋଷ ଓ ନରେନ୍ଦ୍ର ଗତ ଦିନରେ ମଦ ବ୍ୟବସାୟ କରୁଥିଲେ ଓ ଏମାନଙ୍କୁ ବିକାଶ ବଟି ମାଗୁଥିଲେ । ନଦେବାରୁ ବିକାଶ ମଦମୁକ୍ତ ଅଭିଯାନ ଆରମ୍ଭ କରି ପୋଲିସକୁ ଏନେଇ ଅଭିଯୋଗ କରିଥିଲେ । ପୋଲିସ କାର୍ଯ୍ୟାନୁଷ୍ଠାନ ମଧ୍ୟ ନେଇଥିଲା। କିନ୍ତୁ ପରେ ବିକାଶ ଓ ତାଙ୍କ ବନ୍ଧୁ ମିଶି ମଦ ବ୍ୟବସାୟ ଆରମ୍ଭ କଲେ । ଏହି ପ୍ରତିଦ୍ୱନ୍ଦ୍ୱିତାରୁ ହିଁ ଗୋଷ୍ଠୀ ତିକ୍ତତା ବଢ଼ିବା ସହ ମଙ୍ଗଳବାର ଗୁଳିକାଣ୍ଡ ଘଟଣାର ରୂପ ନେଇଥିଲା।

# ସେମିଳିଗୁଡ଼ାକୁ ଉପଖଣ୍ଡ ମାନ୍ୟତା ଦାବିରେ ଶୋଭାଯାତ୍ରା

**ସେମିଳିଗୁଡ଼ା, ୨୬।୯(ସ୍ୱ.ପ୍ର)**

କୋରାପୁଟ ଜିଲା ସେମିଳିଗୁଡ଼ାକୁ ଉପଖଣ୍ଡ ମାନ୍ୟତା ପ୍ରଦାନ ଦାବିରେ ନାଗରିକ ମଞ୍ଚ ପକ୍ଷରୁ ଦିଆଯାଇଥିବା ବନ୍ଦ ପାଳନ ସଫଳ ହୋଇଛି। ଏଥିରେ ୩ ପ୍ରମୁଖ ରାଜନୈତିକ ଦଳର ନେତା ଓ କର୍ମୀମାନେ ଯୋଗଦେଇଥିଲେ। ଶୋଭାଯାତ୍ରା ପରେ ସେମିଳିଗୁଡ଼ା ବ୍ଲକ୍ ବିଡିଓଙ୍କୁ ସରକାରଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ତହସିଲଦାରଙ୍କୁ ମଧ୍ୟ ସ୍ମାରକପତ୍ର ପ୍ରଦାନ କରାଯାଇଛି। ପଞ୍ଚପଟୁ ମାଳି, ଦେଓମାଳି, କୋଟିଆ , ଶୁଙ୍କି ଭଳି ଦୁର୍ଗମ ଅଞ୍ଚଳରେ ଆନ୍ଧ୍ର ସରକାରଙ୍କ ଅନୁପ୍ରବେଶରେ ରୋକ ଲଗାଇବା ପାଇଁ ସେମିଳିଗୁଡ଼ାକୁ ଉପଖଣ୍ଡ ମାନ୍ୟତା ପ୍ରଦାନ କରିବାକୁ ସ୍ମାରକପତ୍ରରେ ଉଲ୍ଲେଖ ରହିଛି। ସେହିପରି ଦାମନଯୋଡ଼ି ଶ୍ରମିକ ସଂଗଠନ ପକ୍ଷରୁ ଦାମନଯୋଡି ଥାନା ଆଇଆଇସିଙ୍କୁ ଏକ ସ୍ମାରକପତ୍ର ଦିଆଯାଇଛି। ସୁନାବେଡ଼ା ନାଗରିକ ଅଞ୍ଚଳର ନାଗରିକ ମଞ୍ଚ ପକ୍ଷରୁ ନିର୍ବାହୀ ଅଧିକାରୀଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଶୋଭାଯାତ୍ରାରେ ଚେୟାରମ୍ୟାନ୍ ଶୁଭଶ୍ରୀ ମଲ୍ଲିକ, ବିଧାୟକ କୃଷ୍ଣ ଚନ୍ଦ୍ର ସଗରିଆ, ବିଜେପି ନେତା ଜୟରାମ ଗରଡ଼ା, ବରିଷ୍ଠ ନାଗରିକ ମଞ୍ଚ ସଭାପତି କୃଷ୍ଣ ସିଂହ, ସେମିଳିଗୁଡ଼ା ମହାବିଦ୍ୟାଳୟ ଛାତ୍ର ସଂସଦ ସଭାପତି ପ୍ରିୟଙ୍କା ମାଛ, ଉପସଭାପତି ବର୍ଷାରାଣୀ ରାଉତ, ହାଲ୍ ବିସ୍ଥାପିତ ସଂଗଠନ ସଭାପତି ତ୍ରିଲୋଚନ ମୁଦୁଲି, ସେମିଳିଗୁଡ଼ା ଶିବ ଶକ୍ତି ବଣିକ ସଂଘ ସଭାପତି ଅଜୟ ସାହୁ, ଜନପ୍ରତିନିଧି ମୀନତି ବାଘ, ଏସ୍‌ସିଟିଆଇଏମ୍ କଲେଜର ସାଧାରଣ ସମ୍ପାଦକ ଲକ୍ଷ୍ମଣ ରାଉତ , ବିନୋଦ ସାମଲ , ଝାନ୍ସୀ ସିଂହ ପ୍ରମୁଖ ସାମିଲ ଥିଲେ।

## ବ୍ଲକ ମାନ୍ୟତା ଦାବିରେ ଦାମନଯୋଡ଼ି ବନ୍ଦ

**ଦାମନଯୋଡ଼ି, ୨୬।୯ (ଡି.ଏନ୍.ଏ.)**

ସେମିଳିଗୁଡ଼ାକୁ ଉପଖଣ୍ଡ ଏବଂ ଦାମନଯୋଡ଼ିକୁ ବ୍ଲକ୍ ମାନ୍ୟତା ପ୍ରଦାନ ଦାବିରେ ଦାମନଯୋଡ଼ି ନାଗରିକ ମଞ୍ଚ ପକ୍ଷରୁ ବନ୍ଦ ପାଳନ କରାଯାଇଛି। ମାଥାଲପୁଟ, ଭେଜାପୁଟ ଏବଂ ନାଲ୍‌କୋ ଶିଳ୍ପାଞ୍ଚଳର ସମସ୍ତ ଦୋକାନ ବଜାର ବନ୍ଦ ରହିଥିଲା। କର୍ମକର୍ତ୍ତାମାନେ ମା' କଣ୍ଟାବାଉଁଶୁଣି ମନ୍ଦିରରେ ପୂଜାର୍ଚ୍ଚନା କରିବା ସହ ମାଥାଲପୁଟ ହାଟପଦାଠାରୁ ଶୋଭାଯାତ୍ରାରେ ବାହାରି ଦାମନଯୋଡ଼ି ଥାନା କାର୍ଯ୍ୟାଳୟରେ ପହଞ୍ଚି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଆଇଆଇସି ସହଦେବ ମହାପାତ୍ରଙ୍କୁ ସ୍ମାରକପତ୍ର ଦେଇଥିଲେ। ଚଇତନ୍ୟ ହନ୍ତାଳ, ପିତାମ୍ବର ସାହୁ, ମାଥାଲପୁଟ ବଜାର କମିଟି, ଭେଜାପୁଟ ବଜାର କମିଟି ଅଞ୍ଚଳର ବୁଦ୍ଧିଜୀବୀ, ସମିତି ସଭ୍ୟା ମିନତି ବାଘ,ଲତା ରାୟ ସାହୁ ପ୍ରମୁଖ ଆନ୍ଦୋଳନର ନେତୃତ୍ୱ ନେଇଥିଲେ।

**କାଗଜକଳ କର୍ତ୍ତୃପକ୍ଷଙ୍କ ଟାଳଟୁଳ ନୀତି ପାଇଁ ଅସନ୍ତୋଷ**

# କାରଖାନା ଖୋଲିବା ଦାବିରେ ଏନ୍‌ଏଚ୍ ଅବରୋଧ

**ଜୟପୁର,୨୬।୯(ଡି.ଏନ୍.ଏ.)**

**ସାମିଲ ହେଲେ ଟ୍ରକ, ଲରୀ, ଗ୍ୟାରେଜ କର୍ମଚାରୀ ସଂଘ**



ଜୟପୁର ନିକଟସ୍ଥ ବିଲ୍ଟ ସେଓ୍ୱା କାଗଜକଳର ତାଲା ଖୋଲିବା ସହ ଉତ୍ପାଦନ ପୁଣିଥରେ ଚାଲୁ କରିବା ପାଇଁ ଦାବି ତେଜିଛି। ଏହି ଦାବିରେ ଟ୍ରକ ମାଲିକ ସଂଘ, ଲରୀ ଓନର୍ସ ମହାସଂଘ, ଟ୍ରକ ଓ ଲରୀ କର୍ମଚାରୀ ସଂଘ ଏବଂ ମୋଟର ମେକାନିକ କର୍ମଚାରୀ ସଂଘ ଶ୍ରମ କାର୍ଯ୍ୟାଳୟ ସମ୍ମୁଖସ୍ଥ ୨୬ ନମ୍ବର ଜାତୀୟ ରାଜପଥ ଅବରୋଧ କରିଛନ୍ତି। ଏହାକୁ ସମର୍ଥନ ଜଣାଇ କାଗଜକଳର ୩ଟି ଶ୍ରମିକ ଓ କର୍ମଚାରୀ ସଂଘର ସଦସ୍ୟ ଏବଂ ଅନ୍ୟ କର୍ମଚାରୀ ମଧ୍ୟ ଅବରୋଧରେ ସାମିଲ ହୋଇଛନ୍ତି।

ପୂର୍ବରୁ କାଗଜକଳ କର୍ତ୍ତୃପକ୍ଷ ୫ଟି ସର୍ତ୍ତ ରଖିଥିବା ବେଳେ ବିଏମ୍‌ଏସ୍ ସମର୍ଥିତ ଅନ୍ୟ ସଂଘର କର୍ମକର୍ତ୍ତା ଏହାକୁ ବିରୋଧ କରିଥିଲେ। ସେମାନେ ପାଲଟା ୯ଟି ସର୍ତ୍ତ ସମ୍ବଳିତ ଅନ୍ୟ ଏକ ଚିଠାରେ ସ୍ୱାକ୍ଷର କରି ଦେଇଥିଲେ। କିନ୍ତୁ ବୁଧବାର ଅନୁଷ୍ଠିତ ଆଲୋଚନାକୁ ଆସି ନଥିଲେ। ଏହି କାରଣରୁ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ସୂଚନା ଦିଆଯାଇ ନଥିବା ଓ କୌଣସି ନିଷ୍ପତ୍ତି ହୋଇନଥିବା ସ୍ଥାନୀୟ କାଗଜକଳ ଡିଜିଏମ କେଶବ ରେଡ୍ଡୀ ବୈଠକରେ କହିଥିଲେ। ଏଥିରେ କାର୍ଯ୍ୟାଳୟ ବାହାରେ ଅପେକ୍ଷା କରିଥିବା କର୍ମଚାରୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିଲା। ଏହି ଖବର ପ୍ରଚାରିତ ହେବା ପରେ ଟ୍ରକ ମାଲିକ ସଂଘ ସଭାପତି ବାବୁଲା ନାୟକଙ୍କ ନେତୃତ୍ୱରେ ଟ୍ରକ, ଲରୀ, ମୋଟର କର୍ମଚାରୀ ଓ ମେକାନିକ ସଂଘର ଶତାଧିକ ସଦସ୍ୟ ଶ୍ରମ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ତୁରନ୍ତ କାଗଜକଳ ଖୋଲିବା ପାଇଁ ଦାବିକରି ରାଜପଥ ଅବରୋଧ କରିଥିଲେ। ସନ୍ଧ୍ୟା ସାଢ଼େ ୫ରୁ ୭ଟା ପର୍ଯ୍ୟନ୍ତ ଅବରୋଧ ଚାଲିଥିଲା। ଟାଉନଥାନା ଅଧିକାରୀ ବାଲେଶ୍ୱର ଗିଧିଙ୍କ ନେତୃତ୍ୱରେ ପୋଲିସ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାସୁଝା କରିଥିଲା। ଆସନ୍ତା ରବିବାର କାଗଜକଳର ୪ଟି କର୍ମଚାରୀ ସଂଘ ଓ କର୍ତ୍ତୃପକ୍ଷଙ୍କୁ ନେଇ ପ୍ରଶାସନ ବୈଠକ କରି ସମସ୍ୟାର ତୁଟାଇବ ବୋଲି ପ୍ରତିଶ୍ରୁତି ଦିଆଯାଇଥିଲା । ଏହାପରେ ଆନ୍ଦୋଳନ ସ୍ଥଗିତ ରହିଥିଲା। ବୈଠକରେ ଉପ ଶ୍ରମ କମିଶନର ଗୀତାଞ୍ଜଳି ପତି, ଜିଲା ଶ୍ରମ ଅଧିକାରୀ ପ୍ରସନ୍ନ ପାଣିଗ୍ରାହୀ, ସ୍ୱୀକୃତ ସଂଘ ସଭାପତି ବିଧାୟକ ତାରାପ୍ରସାଦ ବାହିନୀପତି, କାର୍ଯ୍ୟକାରୀ ସଭାପତି ଏନ୍. ସୁରେଶ କୁମାର, ଏମ୍.ଆର୍. ପାଢ଼ୀ, ଅନ୍ୟ ଦୁଇଟି ସଂଘର କର୍ମକର୍ତ୍ତା ପ୍ରମୋଦ ମହାନ୍ତି, ରବି କୁମାର, ଜୟନ୍ତ ସାନ୍ତ୍ରା, ସରୋଜ ପାଢ଼ୀ ଉପସ୍ଥିତ ଥିଲେ।

## ଜବରଦଖଲ ଉଚ୍ଛେଦ

**ଜୟପୁର,୨୬।୯(ନି.ପ୍ର.)**

ଜୟପୁର ସହରରେ ବୁଧବାର ମୁଖ୍ୟ ଟ୍ରାଫିକ ଛକରୁ ରଜାନହର ପର୍ଯ୍ୟନ୍ତ ଜବରଦଖଲ ଉଚ୍ଛେଦ କରାଯାଇଛି। ଗୁରୁବାର ଏମ୍‌ଜି ରୋଡ, ଦ୍ୱିତୀୟ ଦୈନିକ ବଜାରରେ ମଧ୍ୟ ଉଚ୍ଛେଦ ପ୍ରକ୍ରିୟା କରାଯିବ। ବୁଧବାର ସକାଳୁ ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ସଞ୍ଜୟ ଆଚାର୍ଯ୍ୟ, ପୌର କର୍ମଚାରୀ, ପୋଲିସ ଓ ମାଜିଷ୍ଟ୍ରେଟ ଭାବରେ ଜୟପୁର ଅତିରିକ୍ତ ତହସିଲଦାର ମାନସ ପଟ୍ଟନାୟକ ଉଚ୍ଛେଦ କାର୍ଯ୍ୟ ବେଳେ ଉପସ୍ଥିତ ଥିଲେ। ଉଚ୍ଛେଦ ପାଇଁ ୨ଟି ଟିମ କରାଯାଇଛି। ଏହି ଟିମ୍ ପ୍ରତ୍ୟେକ ମାସ ଜବରଦଖଲ ହେଉଥିବା ସ୍ଥାନକୁ ଯାଇ ଉଚ୍ଛେଦ କରିବେ।

# ରୋକିବ ଅନୁପ୍ରବେଶ, ବଢ଼ିବ ନିରାପତ୍ତା

ଦେଶର ସର୍ବୋଚ୍ଚ ନ୍ୟାୟାଳୟ ଆଧାର କାର୍ଡ଼କୁ ସାମ୍ବିଧାନିକ ଭାବେ ବୈଧ କରି ଏନେଇ ଯେଉଁସବୁ କଳ୍ପନା ଜଳ୍ପନା ଓ ଦ୍ୱନ୍ଦ୍ୱ ପ୍ରକାଶ ପାଇଆସୁଥିଲା, ସେଥିରେ ଯବନିକା ଟାଣିଛନ୍ତି। ଏହା ସମ୍ପୂର୍ଣ୍ଣ ସୁରକ୍ଷିତ ଓ ଏହାଦ୍ୱାରା ବ୍ୟକ୍ତିଗତ ଗୋପନୀୟତା ପ୍ରଭାବିତ ହେବନାହିଁ ବୋଲି ଅଦାଲତ କହିଛନ୍ତି। ତେବେ କେଉଁ କ୍ଷେତ୍ରରେ ଏହା ବାଧ୍ୟତାମୂଳକ ଓ କେଉଁଠାରେ ନୁହେଁ, ତାହା ମଧ୍ୟ ସ୍ପଷ୍ଟ କରିଛନ୍ତି। ଏହି ରାୟ ପରେ ଆଧାର ଦେଶରେ ଅନୁପ୍ରବେଶ ରୋକିବା ସହ ଡାଟା ନିରାପତ୍ତା ବୃଦ୍ଧି କରିବ ବୋଲି ସାଧାରଣ ଜନତା ଆଶା ବ୍ୟକ୍ତ କରିଛନ୍ତି।

### ସାଧାରଣ ଲୋକେ ଉପକୃତ ହେବେ



ଆଧାରକାର୍ଡ଼କୁ ନେଇ ସୁପ୍ରିମକୋର୍ଟ ଯେଉଁ ରାୟ ଦେଇଛନ୍ତି, ତାହା ସାଧାରଣ ଲୋକଙ୍କ ପକ୍ଷରେ ଯାଇଛି। ଏହି ରାୟ ସ୍ୱାଗତଯୋଗ୍ୟ ଏବଂ ଐତିହାସିକ। ଏହାଦ୍ୱାରା ସାଧାରଣ ଲୋକ ଉପକୃତ ହେବେ। ସେହିପରି ପାନ୍ କାର୍ଡ ଏବଂ ଇନ୍‌କମ ଟ୍ୟାକ୍ସ ରିଟର୍ଣ୍ଣ ପାଇଁ ଆଧାର ଜରୁରୀ ବୋଲି ଯେଉଁ ରାୟ ସୁପ୍ରିମକୋର୍ଟ ଦେଇଛନ୍ତି, ତାହାର ଗୁରୁତ୍ୱ ରହିଛି।

– ଉମାଚରଣ ପଟ୍ଟନାୟକ, ଆଇନଜୀବୀ, ଗୁଣପୁର

### ଅନୁପ୍ରବେଶକାରୀଙ୍କ ପାଇଁ ସତର୍କ ଘଣ୍ଟି



ଆଧାର କାର୍ଡ଼କୁ ନେଇ ସୁପ୍ରିମକୋର୍ଟ ଯେଉଁ ରାୟ ଦେଇଛନ୍ତି, ସେଥିରେ ବ୍ୟକ୍ତିଗତ ତଥ୍ୟକୁ ସୁରକ୍ଷା ଦେବା ପାଇଁ ସରକାରଙ୍କୁ ନିର୍ଦ୍ଦେଶ ରହିଛି। ବେଆଇନ ଭାବେ ଭାରତରେ ବସବାସ କରୁଥିବା ଲୋକଙ୍କ ପାଇଁ ଏହା ସତର୍କ ଘଣ୍ଟି। ସେମାନେ ଯେମିତି ବିଭିନ୍ନ ସମାଜ ମଙ୍ଗଳ ଯୋଜନାର ଫାଇଦା ଆଧାରକାର୍ଡ଼ ଯୋଗୁଁ ନେଇପାରିବେ ନାହିଁ, ତା' ପ୍ରତି ପଦକ୍ଷେପ ପାଇଁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ସେହିଭଳି ଆର୍ଥିକ ଅନଗ୍ରସର ଶ୍ରେଣୀର ଲୋକେ ଯେମିତି ବ୍ୟାଙ୍କରେ ଖାତା ଖୋଲିବେ ଓ ମୋବାଇଲ ସଂଯୋଗଟିଏ ନେଇପାରିବେ ତା ପାଇଁ ଆଧାର ବାଧ୍ୟତାମୂଳକ ନୁହେଁ ବୋଲି ସୁପ୍ରିମକୋର୍ଟ ରାୟ ଶୁଣାଇଛନ୍ତି। ବିଭିନ୍ନ ବେସରକାରୀ ସଂସ୍ଥା ଆଧାର ସଂଯୋଗ ବାଧ୍ୟତାମୂଳକ କରିପାରିବେ ନାହିଁ। ଏ ସବୁକୁ ନେଇ କୋର୍ଟଙ୍କ ରାୟ ଯୁଗାନ୍ତକାରୀ ପଦକ୍ଷେପ।

–ଶଶୀଭୂଷଣ ମହାନ୍ତି, ଅଧ୍ୟାପକ, ଗୁଣପୁର କଲେଜ

### ଆଧାରକୁ ନେଇ ବ୍ୟବସାୟୀଙ୍କ ଆଶଙ୍କା ହଟିଲା



ଆଜି ଭାରତର ସର୍ବୋଚ୍ଚ ନ୍ୟାୟାଳୟ ଆଧାରକାର୍ଡ଼ ସମ୍ବନ୍ଧରେ ଯେଉଁ ରାୟ ପ୍ରକାଶ କରିଛନ୍ତି ତାହା ସ୍ୱାଗତଯୋଗ୍ୟ। ବିଶେଷକରି ବ୍ୟାଙ୍କ ଏବଂ ଟେଲିଫୋନ ସେବା ପାଇଁ ଆଧାର ଜରୁରୀ ନୁହେଁ, ତାହା ସ୍ପଷ୍ଟ ହୋଇଛି। ଆଧାରକୁ ନେଇ ଅନେକ ବ୍ୟବସାୟୀଙ୍କ ଯେଉଁ ଆଶଙ୍କା ଥିଲା, ତାହା ଦୂର ହୋଇଛି ।

– ଏସ୍. ସୂରଜ କୁମାର ଦାସ, ବ୍ୟବସାୟୀ, ମାଲକାନଗିରି

### ଅନୁପ୍ରବେଶକାରୀଙ୍କୁ ରୋକିବ



ଆଧାର କାର୍ଡ଼ ଉପରେ ସର୍ବୋଚ୍ଚ ନ୍ୟାୟାଳୟ ଆଜି ଯେଉଁ ରାୟ କରିଛନ୍ତି, ତାହା ସ୍ୱାଗତଯୋଗ୍ୟ। ଭାରତର ପ୍ରକୃତ ନାଗରିକଙ୍କ ପାଇଁ ଏହାର ଆବଶ୍ୟକତା ରହିଥିଲା। ଅନେକ ବିଦେଶୀ ଦେଶରେ ଅନୁପ୍ରବେଶ କରି ନକଲି ପରିଚୟପତ୍ର ମାଧ୍ୟମରେ ଯେଉଁସବୁ ସୁବିଧା ସହଜରେ ହାସଲ କରିପାରୁଥିଲେ, ସେଥିରେ ରୋକ ଲାଗିପାରିବ।

– ଦେବହରି ଦଳେଇ, ମାଲକାନଗିରି

### ସମସ୍ତେ ଉପକୃତ ହେବେ



ଆଧାରକୁ ନେଇ ସୁପ୍ରିମକୋର୍ଟ ଯେଉଁ ଚୂଡ଼ାନ୍ତ ରାୟ ଶୁଣାଇଛନ୍ତି ତାହା ସ୍ୱାଗତଯୋଗ୍ୟ । ପୂର୍ବରୁ ସମସ୍ତ କ୍ଷେତ୍ରରେ ଆଧାର କାର୍ଡ଼ ଦରକାର ହେଉଥିବାବେଳେ ବର୍ତ୍ତମାନ କେତେକ ନିର୍ଦ୍ଦିଷ୍ଟ କ୍ଷେତ୍ରରେ ଏହା ବ୍ୟବହାର ହେବ ବୋଲି ଯେଉଁ ନିୟମ ହୋଇଛି, ଏହାଦ୍ୱାରା ସମସ୍ତେ ଉପକୃତ ହେବେ।

–ସିଦ୍ଧେଶ୍ୱର ମିଶ୍ର, ବରିଷ୍ଠ ଆଇନଜୀବୀ, ପାରଳାଖେମୁଣ୍ଡି

### ଡାଟା ସୁରକ୍ଷିତ ରହିପାରିବ



ଆଧାର କାର୍ଡ଼କୁ ନେଇ ସୁପ୍ରିମକୋର୍ଟଙ୍କ ଖଣ୍ଡପୀଠ ଯେଉଁ ଆଇନ ଆଣିଛନ୍ତି, ଏହାଦ୍ୱାରା ଜନସାଧାରଣ ଉପକୃତ ହେବେ। ସାଧାରଣ ଲୋକଙ୍କ ସମେତ ଆଧାର କାର୍ଡ଼ରେ ରହିଥିବା ଡାଟାଗୁଡ଼ିକ ସୁରକ୍ଷିତ ରହିପାରିବ। କିଛି ନିର୍ଦ୍ଦିଷ୍ଟ କ୍ଷେତ୍ରରେ ଏହାର ବ୍ୟବହାର ଦ୍ୱାରା ଏହି କାର୍ଡ଼ର ମାନ ଠିକ୍ ରହିବ।

– ଅରୁଣ କୁମାର ପଟ୍ଟନାୟକ, ସାମାଜିକ କର୍ମୀ, ପାରଳାଖେମୁଣ୍ଡି

## ବିଦ୍ୟୁତ ସ୍ପର୍ଶରେ ଜଣେ ମୃତ

**କୋରାପୁଟ/ନାରାୟଣପାଟଣା,୨୬।୯(ସ୍ୱ.ପ୍ର./ଡି.ଏନ୍.ଏ.):** ନାରାୟଣପାଟଣା ବ୍ଲକ ପିପଲପଦରରେ ବୁଧବାର ବିଦ୍ୟୁତ ତାର ସ୍ପର୍ଶରେ ଆସି ଅଲେଖ ମେଲକାଙ୍କ ମୃତ୍ୟୁ ହୋଇଛି। ଏନେଇ ନାରାୟଣପାଟଣା ଥାନାରେ ୧୩/୨୦୧୮ରେ ମାମଲା ରୁଜୁ ହୋଇଛି।

# ଜନସମାବେଶ: ବିଜେଡିରେ ୫୦ କର୍ମୀ ସାମିଲ

**କୁନ୍ଦୁରା, ୨୬।୯(ଡି.ଏନ୍.ଏ)**

କୁନ୍ଦୁର ବ୍ଲକ୍ ମଶିଗାଁ ପଞ୍ଚାୟତ ଦାର୍ଲିଗୁଡ଼ାଠାରେ ଏବଂ ଦିଗାପୁର ପଞ୍ଚାୟତରେ କୁନ୍ଦୁରା ବିଜେଡି ପକ୍ଷରୁ ଓ୍ୱାର୍ଡସ୍ତରୀୟ ସର୍ବାଙ୍ଗୀନ ଉନ୍ନତି ପାଇଁ କମିଟି ଗଠନ ଏବଂ ଜନ ଜାଗରଣ ସମାବେଶ ଅନୁଷ୍ଠିତ ହୋଇଛି। ଏଥିରେ କୁନ୍ଦ୍ରା ବ୍ଲକ ବିଜେଡି ସଭାପତି ସଞ୍ଜୟ ସାହୁ ସଭାପତିତ୍ୱ କରିଥିବା ବେଳେ ଅତିଥିଭାବେ କୋରାପୁଟ ଜିଲା ଆଦିବାସୀ ବିକାଶ ପରିଷଦ ଅଧ୍ୟକ୍ଷ କମୁଲୁ ଜାନି, ବରିଷ୍ଠ ବିଜେଡି ନେତା ନାରାୟଣ ପାତ୍ର, ବିଓ୍ୱାଇଜେଡିର ରାଜ୍ୟ ସାଧାରଣ ସମ୍ପାଦକ ଧର୍ମେନ୍ଦ୍ର ଅଧିକାରୀ, ବ୍ଲକ୍ ସଭାପତି ସଞ୍ଜୟ ସାହୁ, ଓଡ଼ିଶା ଖଦି ଏବଂ ଗ୍ରାମୋଦ୍ୟୋଗ ବୋର୍ଡ ପ୍ରତିନିଧି ନିହାର ରଞ୍ଜନ ଭଞ୍ଜ, ଏମ୍‌ପିଙ୍କ ପ୍ରତିନିଧି ବୃନ୍ଦାବନ ମଲିକ, ଯୁବ ସଭାପତି ରମାକାନ୍ତ ମିଶ୍ର, ସହ ପର୍ଯ୍ୟବେକ୍ଷକ ପ୍ରଦୀପ ନାୟକ, ପଞ୍ଚାୟତ ଯୁବ ସଭାପତି ରାଜେଶ ନାୟକ, ପଞ୍ଚାୟତସ୍ତରୀୟ କାର୍ଯ୍ୟ ପରିଚାଳକ ସୋମନାଥ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ମଶିଗାଁ ଦାର୍ଲିଗୁଡ଼ା କାର୍ଯ୍ୟକ୍ରମରେ ପ୍ରତି ଓ୍ୱାର୍ଡ଼ରେ କମିଟି ଗଠନ କରି ସେ ଓ୍ୱାର୍ଡ଼ର ସମସ୍ୟା ସମାଧାନ କରାଇବା ପାଇଁ ଅତିଥିମାନେ କର୍ମୀମାନଙ୍କୁ ବାର୍ତ୍ତା ଦେଇଥିଲେ। ଦିଗାପୁରଠାରେ ଆୟୋଜିତ କାର୍ଯ୍ୟକ୍ରମରେ ୫୦ରୁ ଊର୍ଦ୍ଧ୍ୱ କଂଗ୍ରେସ ଏବଂ ଭାଜପା କର୍ମୀ ବିଜେଡିରେ ଯୋଗଦେଇଛନ୍ତି। ସେମାନଙ୍କ ମଧ୍ୟରେ ଦିଗାପୁର ସରପଞ୍ଚ ବୃନ୍ଦାବନ ନାୟକ, କୃଷ୍ଣ ମହାନ୍ତି, ସତ୍ୟ ହରିଜନ, ଅଭି ହରିଜନ, ଅଭି ପଟ୍ଟନାୟକ, ଅଭି ବାରିକ, ନରସିଂହ ବାରିକ, ମାଧବ ଖିଲ, କୈଳାସ ସୁକ୍ରୀ, ନକୁଳ ହରିଜନ, ଗୁରୁ ହରିଜନ ପ୍ରମୁଖ ବିଜେଡିରେ ସାମିଲ ହୋଇ ଦଳ ପାଇଁ କାର୍ଯ୍ୟ କରିବାକୁ ଶପଥ ନେଇଛନ୍ତି।

**SBI ଭାରତୀୟ ଷ୍ଟେଟ୍ ବ୍ୟାଙ୍କ**
ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା,
ପ୍ଲଟ୍ ନଂ.: ୭୭୮, ପ୍ରଥମ ମହଲା, ସହୀଦ ନଗର, ଭୁବନେଶ୍ୱର, ଫୋନ୍: ୦୬୭୪-୨୫୪୯୬୬୩

**ଦଖଲ ନୋଟିସ୍**
(ସ୍ଥାବର ସମ୍ପତ୍ତି ନିମନ୍ତେ) [ରୁଲ୍ ୮(୧)]

**ସରଫେଶୀ ଆକ୍ଟ ୨୦୦୨ର ଧାରା ୧୩(୪) ଅନୁଯାୟୀ ଦଖଲ ନିଆଯାଇଥିବା ସମ୍ପତ୍ତି ସମ୍ବନ୍ଧୀୟ ବିଜ୍ଞପ୍ତି ପ୍ରକାଶନ**

ଏତଦ୍‌ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍‌ସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ (୨୦୦୨ ର ୫୪) ଏବଂ ଧାରା ୧୩(୧୨) ଅନୁଯାୟୀ ପ୍ରଦତ୍ତ କ୍ଷମତା ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ ୩ ଅନୁଯାୟୀ ନିମ୍ନଲିଖିତ ଆକାଉଣ୍ଟକୁ ନିମ୍ନଦର୍ଶିତ ତାରିଖରେ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ ମାଧ୍ୟମରେ ଦର୍ଶାଯାଇଥିବା ଋଣ ରାଶି କଥିତ ନୋଟିସ୍ ପାଇବାର **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା।

ଯେହେତୁ ଋଣଗ୍ରହୀତା ଋଣ ପଇଠ କରିପାରିଲେ ନାହିଁ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତାଙ୍କୁ ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ ଉପରକଥିତ ଆକ୍ଟର ଧାରା ୧୩(୪) ସହିତ କଥିତ ଆକ୍ଟର ରୁଲ ୮ ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ନିମ୍ନସ୍ୱାକ୍ଷରକାରୀ ନିମ୍ନରେ ବର୍ଣ୍ଣିତ ସମ୍ପତ୍ତି ନିମ୍ନଦର୍ଶିତ ତାରିଖରେ **ଦଖଲ** ନେଇଛନ୍ତି। ତେଣୁ ବିଶେଷତଃ ଋଣଗ୍ରହୀତାଙ୍କୁ ଏବଂ ସର୍ବସାଧାରଣଙ୍କୁ ଏତଦ୍‌ଦ୍ୱାରା ଜଣାଇ ଦିଆଯାଉଛି ଯେ, ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଉକ୍ତ ସମ୍ପତ୍ତି ଉପରେ କୌଣସି କାରବାର କଲେ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସୁଧ ଏବଂ ସେବାବଦ ଅନ୍ୟାନ୍ୟ ଖର୍ଚ୍ଚ ନିମନ୍ତେ **ଭାରତୀୟ ଷ୍ଟେଟ୍ ବ୍ୟାଙ୍କ** ନିକଟରେ ଉତ୍ତରଦାୟୀ ରହିବେ। **ଏତଦ୍‌ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮)ର ବ୍ୟବସ୍ଥା ଅନୁଯାୟୀ ସେମାନଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକ ମୁକ୍ତ କରନ୍ତୁ।**

| ଆକାଉଣ୍ଟର ନାମ / ଋଣଗ୍ରହୀତାଙ୍କ ନାମ ଏବଂ ଠିକଣା | ସମ୍ପତ୍ତି ମାଲିକଙ୍କ ନାମ | ବନ୍ଧକପ୍ରାପ୍ତ ସମ୍ପତ୍ତିର ବିବରଣୀ | ଡିମାଣ୍ଡ ନୋଟିସ୍ ତାରିଖ | ଦଖଲ ତାରିଖ | ବକେୟା ପରିମାଣ |
|---|---|---|---|---|---|
| ଋଣଗ୍ରହୀତା: ଶ୍ରୀ ଭାଗ୍ୟଧର ସାହୁ, ପ୍ଲଟ୍ ନଂ.: ଏନ୍-୬/୨୩୦, ଅଶୋକ ଚାରୁ ନିବାସ, ଫ୍ଲାଟ୍ ନଂ.: ୪୦୧, ୟୁନିଟ୍-୩, ଖାରବେଳ ନଗର, ଭୁବନେଶ୍ୱର-୭୫୧୦୦୧ | ସମ୍ପତ୍ତିର ମାଲିକ: ଶ୍ରୀ ଭାଗ୍ୟଧର ସାହୁ | ଶ୍ରୀ ଭାଗ୍ୟଧର ସାହୁଙ୍କ ନାମରେ ଥିବା ସମ୍ପତ୍ତି (ଜମି ଏବଂ ଗୃହ)ର ସମସ୍ତ ଅଂଶବିଶେଷ ଯାହାର ମୌଜା: ଅଟଳା, ତହସିଲ/ଏସ୍‌ଆରଓ: ବାଲିଅନ୍ତା, ଥାନା ନଂ.: ୧୬, ଜିଲ୍ଲା: ଖୋର୍ଦ୍ଧା, ଖାତା ନଂ.: ୩୫୯/୨୩୭, ପ୍ଲଟ୍ ନଂ.: ୨୨୭/୮୬୬, କ୍ଷେତ୍ର: ଏକର୦.୦୯୨ଡିସିମିଲି, ଅନୁରୂପ ସାବକ ଖାତା ନଂ.: ୩୫୯/୧୦୮, ପ୍ଲଟ୍ ନଂ.: ୨୨୭, କିସମ: ଘରବାରି, ସଂଶୋଧିତ ମ୍ୟୁଟେଟେଡ଼ ଖାତା ନଂ.: ୩୫୯/୮୦୧, ପ୍ଲଟ୍ ନଂ.: ୨୨୭/୮୬୬, କ୍ଷେତ୍ର: ଏକର୦.୦୯୨ଡିସିମିଲି, ଏହାର ଚାରିପାର୍ଶ୍ୱରେ- ଉତ୍ତର: ସବ୍ ପ୍ଲଟ୍ ନଂ.: ୭୧ ଏବଂ ୭୨, ଦକ୍ଷିଣ: ରାସ୍ତା, ପୂର୍ବ: ସବ୍ ପ୍ଲଟ୍ ନଂ.: ୭୬, ପଶ୍ଚିମ: ସବ୍ ପ୍ଲଟ୍ ନଂ.: ୭୩ | ୧୧.୦୫.୨୦୧୮ | ୨୫.୦୯.୨୦୧୮ | ୧୧.୦୫.୨୦୧୮ ସୁଦ୍ଧା ଟ.୪୯,୪୭,୮୮୯/- + ପରବର୍ତ୍ତି ସୁଧ, ଆଇନଗତ ଖର୍ଚ୍ଚ ଏବଂ ସେବାବଦ ଦେୟ |

ତାରିଖ: ୨୫.୦୯.୨୦୧୮
ସ୍ଥାନ: ଭୁବନେଶ୍ୱର
ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ






## ସଂକ୍ଷେପରେ

### ଅଟୋ ଚାଳକ ସଂଘ ବୈଠକ

ଟିକିରି, ୨୬।୯ (ଡି.ଏନ୍.ଏ.): ରାୟଗଡା ଜିଲା କାଶୀପୁର ବ୍ଲକ ଅଟୋ ଚାଳକ ସଂଘ ପକ୍ଷରୁ ବୁଧବାର ଗୋରଖପୁର ଗ୍ରାମରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ଟୁନା ନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଅଟୋ ଭଡ଼ା ବୃଦ୍ଧି ସହ ଅନ୍ୟ ବିଷୟରେ ଆଲୋଚନା କରାଯାଇଥିଲା। ତୈଳ ଦର ବୃଦ୍ଧି ପାଇଥିବାବେଳେ ଅଟୋଭଡ଼ା ବୃଦ୍ଧି ପାଇ ନ ଥିବାରୁ ଅଟୋଚାଳକ ତଥା ମାଲିକମାନେ ଅସୁବିଧାର ସମ୍ମୁଖୀନ ହେଉଥିବା ସେମାନେ ଅଭିଯୋଗ କରିଥିଲେ। ଅଟୋଭଡ଼ା ବୃଦ୍ଧି ନେଇ ଗ୍ରାହକ ଓ ସରକାର ସହଯୋଗ ନ କଲେ ପରିବହନ ସେବା ଯୋଗାଇବା କଷ୍ଟକର ହେବ ବୋଲି ସଂଘ ପକ୍ଷରୁ କୁହାଯାଇଛି। ଏହି ବୈଠକରେ ଶ୍ୟାମ ନାଏକ, ଅର୍ଜୁନ ନାଏକ, କପିଳେଶ୍ୱର ସାହୁ, କୁନା ସାହୁ, ଯୁଧିଷ୍ଠିର ମାଝି, ଯୋଗେଶ୍ୱର ନାଏକ, ଭୂପତି ନାଏକ, ଅନିଲ ସାହୁ, ଗୋବିନ୍ଦ ସାହୁ ପ୍ରମୁଖ ଯୋଗ ଦେଇଥିଲେ।

### ରାୟଗଡା ଓକିଲ ସଂଘର କାର୍ଯ୍ୟବନ୍ଦ ଆନ୍ଦୋଳନ

ରାୟଗଡା ଅଫିସ୍, ୨୬।୯: କଟକର ଓକିଲଙ୍କୁ ପୋଲିସର ମାଡ ଘଟଣାକୁ ନେଇ ରାଜ୍ୟ ଓକିଲ ସଂଘ କାର୍ଯ୍ୟବନ୍ଦ ଡାକରା ଦେଇଛି। ଏହାକୁ ରାୟଗଡା ଓକିଲ ସଂଘ ସମର୍ଥନ ଜଣାଇଛି। ଏହି ଘଟଣାକୁ ବହୁ ଦିନ ବିତି ଯାଇଥିଲେ ମଧ ଏ ଯାବତ୍ ସମ୍ପୃକ୍ତ ପୋଲିସଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିବା ପ୍ରଶାସନର ବେଖାତିରକଣିଆ ଜଣାପଡୁଛି। ଏଣୁ ରାଜ୍ୟର ସମସ୍ତ ଓକିଲ ସଂଘ ୨୬ରୁ ୨୮ତାରିଖ ପର୍ଯ୍ୟନ୍ତ କାର୍ଯ୍ୟବନ୍ଦ ଆନ୍ଦୋଳନ କରିଛନ୍ତି। ରାୟଗଡା ଓକିଲ ସଂଘ ସଭାପତି ବିଷ୍ଣୁପ୍ରସାଦ ପଣ୍ଡାଙ୍କ ନେତୃତ୍ୱରେ ରାୟଗଡାର ଓକିଲମାନେ କୋର୍ଟ ସମ୍ମୁଖରେ ଧାରଣା ଦେବା ସହ କାର୍ଯ୍ୟବନ୍ଦ ଜାରି ରଖିଛନ୍ତି। ଏଥିରେ ପ୍ରତାପଚନ୍ଦ୍ର ଦାଶ, ପଦ୍ମନାଭ ଦାସ, ପ୍ରଦୀପ କୁମାର ଦାଶ, ସଚ୍ଚିଦାନନ୍ଦ ଖାଡଙ୍ଗା, ସୁନୀଲ କୁମାର କର, ବ୍ରଜସୁନ୍ଦର ନାୟକ, ଲାବଣ୍ୟମୋହନ ପଟ୍ଟନାୟକ ପ୍ରମୁଖ ଓକିଲ ବୃନ୍ଦ ଏଥିରେ ସହଯୋଗ କରିଛନ୍ତି।

### ଅଭିଭାବକ, ଶିକ୍ଷକ ସଂଘ ବୈଠକ

ରାୟଗଡା ଅଫିସ୍/ଜେକେପୁର, ୨୬।୯(ଡି.ଏନ୍.ଏ): ରାୟଗଡା ଜିଲା କୋଲନରା ବ୍ଲକ ଅଣ୍ଟାମୋଡା ଉଚ୍ଚ ବିଦ୍ୟାଳୟରେ ବୁଧବାର ଅଭିଭାବକ ଓ ଶିକ୍ଷକ ସଂଘ ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁଲତା ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଷମକଟକ ବିଧାୟକ ଜଗନ୍ନାଥ ସାରକା, କୋଲନରା ଜିଲା ପରିଷଦ ଏ ଜୋନ ସଭ୍ୟା ସୋମୀ ହିମିରିକା, ଦୁନ୍ଦୁଲି ସରପଞ୍ଚ ଅଭି ହିମିରିକାଙ୍କ ସମେତ ବହୁ ଅଭିଭାବକ, ଭଦ୍ରବ୍ୟକ୍ତି ଉପସ୍ଥିତ ଥିଲେ। ବିଧାୟକ ସାରକା ବିଦ୍ୟାଳୟର ନୂତନ ଶ୍ରେଣୀ ଗୃହ, ହଷ୍ଟେଲ ପରିଦର୍ଶନ କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ଅନେକ ବିକାଶମୂଳକ କାର୍ଯ୍ୟ ପାଇଁ ତାଙ୍କର ଦୃଷ୍ଟି ଆକର୍ଷଣ କରାଇଥିଲେ ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷୟିତ୍ରୀ ସୁଜାତା ଜେନା, ରାଧାକୃଷ୍ଣ ହିମିରିକା, ସୁନୀଲ କୁମାର ପ୍ରଧାନ, ଶୁଭାକାଂକ୍ଷୀ ରାଉତ, ଶୁଭଶ୍ରୀ ମହାରଣା, ଅମରେଶ ଷେଣ୍ଡ ଓ ଚଇନିକା ବିଷୋଇ ପ୍ରମୁଖ ଉପସ୍ଥିତ ଥିଲେ।

# ୩.୨୧ ଲକ୍ଷ ପିଲା ନେବେ ପ୍ରତିଷେଧକ

**ଜାତୀୟ କୃମିନାଶକ ଦିବସ**

ରାୟଗଡା ଅଫିସ୍, ୨୬।୯

ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସିଡିଏମ୍‌ଓ ଡାକ୍ତର ବିମଳାପ୍ରଭା ସାହୁଙ୍କ ନେତୃତ୍ୱରେ ଜିଲାର ସମସ୍ତ ଅଞ୍ଚଳରେ କୃମିନାଶକ ଦିବସ ପାଳିତ ହୋଇଯାଇଛି। ରାୟଗଡା ଗାୟତ୍ରୀ ନଗରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପ୍ରାଙ୍ଗଣରେ ଜାତୀୟ କୃମିନାଶକ ଦିବସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଉପଜିଲାପାଳ ପ୍ରବୀର କୁମାର ନାୟକ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ସିଡିଏମ୍‌ଓ ବିମଳାପ୍ରଭା ସାହୁ, ରାଜ୍ୟ ପ୍ରୋଗ୍ରାମ କନସ୍ୟୁଲଟେଣ୍ଟ ଆଦିତ୍ୟ ମହାପାତ୍ର, ପି.କିଷାନ, ବିଦ୍ୟାଳୟର ସଭାପତି ହୃଦୟାନନ୍ଦ ପଣ୍ଡା, ସମ୍ପାଦକ ସୁନୀଲ ପ୍ରସାଦ ମହାପାତ୍ର ଯୋଗ ଦେଇଥିଲେ। ପ୍ରଧାନ ଆଚାର୍ଯ୍ୟ ପ୍ରଫୁଲ୍ଲ ଚରଣ ସ୍ୱାଇଁ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ଜିଲାର ୧୧ଟି ବ୍ଲକ୍, ଗୁଣପୁର, ରାୟଗଡା ପୌର ପରିଷଦ, ଗୁଡାରୀ ଏନ୍ଏସି ଅଧୀନରେ ୧୯ ବର୍ଷ ପର୍ଯ୍ୟନ୍ତ ପିଲାଙ୍କୁ ୩ଲକ୍ଷ ୨୧ହଜାର ୬୭୦ଜଣ ପିଲାଙ୍କୁ କୃମିନାଶକ ପ୍ରତିଷେଧକ ଦିଆଯାଇଛି। ସମସ୍ତ ସ୍କୁଲ ଓ ଅଙ୍ଗନୱାଡି କେନ୍ଦ୍ରରେ ଏହା ପ୍ରଦାନ କରାଯାଇଛି। ବୁଧବାର ପକୃମିନାଶକ ଔଷଧ ନେବାରୁ ବଞ୍ଚିତ ପିଲାମାନଙ୍କୁ ଆସନ୍ତା ୩ତାରିଖରେ ପୁନର୍ବାର ଏହି ଔଷଧ ଦିଆଯିବ। ସମସ୍ତ ବିଦ୍ୟାଳୟ ଓ ଅଙ୍ଗନୱାଡ଼ି କେନ୍ଦ୍ରରେ ଏହା ମିଳିବ ବୋଲି ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ମିଳିଛି। ଶେଷରେ ସମସ୍ତ ଶିଶୁଙ୍କୁ କୃମି ଔଷଧ ସେବନ କରାଯାଇଥିଲା।


ଜଣେ ଶିଶୁଙ୍କୁ କୃମି ଔଷଧ ଦିଆଯାଉଛି।

### ‘ଶାମ୍ବ’ ରଥର ଶୁଭାରମ୍ଭ କଲେ ଜିଲାପାଳ

ରାୟଗଡା ଅଫିସ୍, ୨୬।୯

ଜିଲାରେ ଥିବା କୁଷ୍ଠ ରୋଗୀଙ୍କୁ ଚିହ୍ନଟ, ନିରାକରଣ ସହ ଲୋକଙ୍କୁ ସଚେତନ କରିବା ପାଇଁ ବାହାରିଥିବା ‘ଶାମ୍ବ’ରଥକୁ ଜିଲାପାଳ ଗୁହା ପୁନମ ତାପସ କୁମାର ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ରାୟଗଡା ଜିଲା ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀ ବିମଳାପ୍ରଭା ସାହୁ, ଏଡିଏମ୍‌ଓ ଡା. ସଞ୍ଜୁକ୍ତା ସାହୁ, ପି.କେ ସୁବୁଦ୍ଧି, ସନ୍ଦୀପ ମହାନ୍ତି, ଡିପିଏମ୍ ରାଜେଶ୍ୱର ପଟ୍ଟନାୟକଙ୍କ ସମେତ ସ୍ୱାସ୍ଥ୍ୟ ବିଭାଗର ବହୁ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ। ଏହି ରଥ ୮ଦିନ କାଳ ଜିଲାର ସମସ୍ତ ସ୍ଥାନରେ ବୁଲି କୁଷ୍ଠରୋଗୀଙ୍କୁ ଚିହ୍ନଟ କରିବ।

**■ରାୟଗଡାରେ ଜ୍ଞାନ ସଂଯୋଗ କାର୍ଯ୍ୟକ୍ରମ**

# ଗୁଣାତ୍ମକ ଶିକ୍ଷା ଉପରେ ଗୁରୁତ୍ୱ


କାର୍ଯ୍ୟକ୍ରମରେ ଜିଲାପାଳଙ୍କ ସମେତ ଅନ୍ୟ ଅତିଥିମାନେ।

ରାୟଗଡା ଅଫିସ୍, ୨୬।୯

ସ୍ଥାନୀୟ ବଂଶୀକ୍ରିଷ୍ଣା ସମ୍ମିଳନୀ କକ୍ଷରେ ରାୟଗଡା ଜିଲା ପ୍ରଶାସନ, ୟୁନିସେଫ୍ ଓଡ଼ିଶାର ମିଳିତ ସହଯୋଗରେ ଜ୍ଞାନ ସଂଯୋଗ କାର୍ଯ୍ୟକ୍ରମ ଶୁଭାରମ୍ଭ କରାଯାଇଛି। ଜିଲାପାଳ ଗୁହାପୁନମ ତାପସ କୁମାରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ରାଜ୍ୟସଭା ଏମ୍‌ପି ଏନ୍.ଭାସ୍କର ରାଓ ମୁଖ୍ୟ ଅତିଥି, ବିଧାୟକ ଲାଲ୍‌ବିହାରୀ ହିମିରିକା ସମ୍ମାନିତ ଅତିଥି ଓ ଜଗନ୍ନାଥ ନୁଣ୍ଡ୍ରୁକା ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ୟୁନିସେଫ୍‌ର ଏଜୁକେଶନ ସ୍ପେଶାଲିଷ୍ଟ ଲଳିତା ପଟ୍ଟନାୟକ ମଧ୍ୟ ଏଥିରେ ଉପସ୍ଥିତ ଥିଲେ। ରାୟଗଡା ଜିଲାରେ ଶିକ୍ଷା ଓ ଶିଶୁ ସୁରକ୍ଷାର ମାନ ସୁଦୃଢ଼ କରିବା ସହ ସବୁ ପିଲା ଯେମିତି ବିଦ୍ୟାଳୟ ଯିବା ସହ ଗୁଣାତ୍ମକ ଶିକ୍ଷା ପାଇପାରିବେ ସେଥିପାଇଁ ଆଲୋଚନା ହୋଇଥିଲା। ୟୁସେଫ୍ ସହଯୋଗରେ ଏହି କାର୍ଯ୍ୟକ୍ରମ ଚାଲିବ। ଗୁଣାତ୍ମକ ଶିକ୍ଷା ପ୍ରଦାନ ନିମିତ୍ତ ଶିକ୍ଷକମାନଙ୍କର ଦକ୍ଷତା ବିକାଶ, ବିଦ୍ୟାଳୟରେ କିଚେନ ଗାର୍ଡେନ, ହେଲ୍‌ପ କର୍ନର ସହିତ ଶିଶୁନ୍‌ମାନଙ୍କର ସୁରକ୍ଷା ନିମନ୍ତେ ପ୍ରତ୍ୟେକ ସ୍କୁଲରେ ଏକ ସୁରକ୍ଷିତ ବାତାବରଣ ସୃଷ୍ଟି କରିବା ଉପରେ ଲକ୍ଷ୍ୟ ରଖାଯାଇଛି। କାର୍ଯ୍ୟକ୍ରମରେ ଆୟୋଜକ ଜିଲା ମଙ୍ଗଳ ଅଧିକାରୀ ନନ୍ଦଲାଲ ବିଶ୍ୱାଳ, ଜିଲା ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ବରିହା, ଜିଲା ଶିଶୁ ସୁରକ୍ଷା ଅଧିକାରୀ ରମେଶ ଚନ୍ଦ୍ର ନାୟକ, ଆନାପ୍ରେଶିଆ କେରକେଟାଙ୍କ ସମେତ ଅନ୍ୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ, ଶିକ୍ଷକ ଏସ୍ଏମ୍‌ସି ସଦସ୍ୟ, ବିଜୁ ଯୁବ ବାହିନୀ, ବେସରକାରୀ ଅନୁଷ୍ଠାନର କର୍ମକର୍ତ୍ତା, ସମସ୍ତ ବିଇଓ, ସିଆର୍‌ସିସିମାନେ ଉପସ୍ଥିତ ଥିଲେ।

**■ଭାରତୀୟ ଯୁବଶକ୍ତି ଟ୍ରଷ୍ଟର ବ୍ୟବସାୟ ଧାରଣ ପ୍ରତିଯୋଗିତା**

# ନିଯୁକ୍ତି ସୁଯୋଗ ସୃଷ୍ଟି କରୁଛି ବିୱାଇଏସ୍‌ଟି

ରାୟଗଡା ଅଫିସ, ୨୬।୯

ରାୟଗଡା ସହରସ୍ଥିତ ହୋଟେଲ ତେଜସ୍ୱୀ ଠାରେ ଭାରତୀୟ ଯୁବଶକ୍ତି ଟ୍ରଷ୍ଟ(ବିୱାଇଏସଟି)ର ବ୍ୟବସାୟ ଧାରଣ ପ୍ରତିଯୋଗିତା-୨୦୧୮ର ଶୁଭାରମ୍ଭ କରାଯାଇଛି। ରାୟଗଡା ଉପଜିଲାପାଳ ପ୍ରବୀର କୁମାର ନାୟକ ମୁଖ୍ୟ ଅତିଥି, ଜେକେ କାଗଜ କଳ କାର୍ଯ୍ୟ ନିର୍ବାହୀ ଉପସଭାପତି ପବନ କୁମାର ସୁରୀ, ଜେକେ କାଗଜ କଳ ଦିଲ୍ଲୀସ୍ଥିତ ଉପଦେଷ୍ଟା କପିଲ କଲ ଏବଂ ଭାରତୀୟ ଷ୍ଟେଟ ବ୍ୟାଙ୍କର ପ୍ରମୋଦ କୁମାର ପ୍ରଧାନ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଭାରତୀୟ ଯୁବଶକ୍ତି ଟ୍ରଷ୍ଟ ରାୟଗଡାର ଷ୍ଟ୍ରାଟେଜିକ ମେଣ୍ଟ କମିଟି ଅଧକ୍ଷ ରାଜେଶ କୁମାର ପାଢୀ, ବିୱାଇଏସଟି ଏବଂ ଜେ.କେ.କାଗଜ କଳର ଯୁବ ଉଦ୍ୟୋଗୀ ବିକାଶ କାର୍ଯ୍ୟକ୍ରମର ଗତ ଏକବର୍ଷର ସଫଳତା ସଂପର୍କରେ ବିଷଦ ବିବରଣୀ ପ୍ରଦାନ କରିଥିଲେ। ବିୱାଇଏସଟି ବିଭିନ୍ନ ବ୍ୟାଙ୍କ ମାଧ୍ୟମରେ ଆଜି ଯାଏ ୪୯ଜଣ ଉଦ୍ୟୋଗୀଙ୍କୁ ପ୍ରାୟ ୮୫.୮୩ଲକ୍ଷ ଟଙ୍କାର ଋଣ ପ୍ରଦାନ କରିଛି। ଏଥିସହ ୧୫୦ଜଣ ଲୋକଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି କରିପାରିଛି ବୋଲି ବୈଠକରେ ଆଲୋଚନା ହୋଇଥିଲା। ଏହି ଅବସରରେ ବିୱାଇଏସ୍‌ଟି ରାୟଗଡା ମେଣ୍ଟ ଚାପ୍ଟର କମିଟି ବରିଷ୍ଠ ମାର୍ଗଦର୍ଶକ ସୁବାସ ଚନ୍ଦ୍ର ରଥ ବ୍ୟବସାୟ ଧାରଣା ପ୍ରତିଯୋଗିତା ସମ୍ପର୍କରେ ଆଲୋକପାତ କରିଥିଲେ। ରାୟଗଡା, କୋଲନରା ଏବଂ କଲ୍ୟାଣସିଂହପୁର ବ୍ଲକର ବହୁ ଯୁବତୀଯୁବକ ଏହି ପ୍ରତିଯୋଗୀତାରେ ଭାଗ ନେଇ ନିଜର ବ୍ୟବସାୟିକ ଯୋଜନା ସମ୍ପର୍କରେ ଲେଖି ଏକ ଡ୍ରପ ବକ୍ସରେ ପକାଇବେ। ଯେଉଁ ମାନଙ୍କର ଯୋଜନା ମନୋନିତ ହେବ ସେମାନଙ୍କୁ ପୁରସ୍କାର ରାଶି ପ୍ରଦାନ କରାଯିବ। କାର୍ଯ୍ୟକ୍ରମକୁ ଉପଜିଲାପାଳ ନାୟକ ଉଦ୍‌ଘାଟନ କରିଥିବା ବେଳେ ପ୍ରତିଯୋଗିତାର ଡ୍ରପ ବକ୍ସଗୁଡିକୁ ଜିଲା କର୍ମ ସଂସ୍ଥାନ ଅଫିସ, ସରକାରୀ ଆଇଟିଆଇ, ରାୟଗଡା ଏମ୍ଏସ୍ଏମ୍‌ଇ,ଏସ୍‌ବିଆଇ, ଆରଏସ୍ଇଟିଆଇ ଏବଂ ସେଞ୍ଚୁରିୟାନ ୟୁନିଭରସିଟିକୁ ଦିଆଯାଇଛି। କାର୍ଯ୍ୟକ୍ରମରେ ଉଦ୍ୟୋଗୀ, ଇଂଜିନିୟରିଂ, ଆଇଟିଆଇ ଛାତ୍ରୀଛାତ୍ରଙ୍କ ସମେତ ବିଭିନ୍ନ ଗ୍ରାମରୁ ଆସିଥିବା ଯୁବତୀଯୁବକ, ବିଭିନ୍ନ ବ୍ୟାଙ୍କ ଶାଖା ପରିଚାଳକ ଓ ବିଭିନ୍ନ କଲେଜ ଅଧକ୍ଷମାନେ ଯୋଗ ଦେଇଥିଲେ।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

### ସମସ୍ୟା ସମାଧାନ ପାଇଁ ଦାବିପତ୍ର

ଗୁଣପୁର,୨୬।୯(ଡି.ଏନ୍.ଏ.)

ରାୟଗଡା ଜିଲା ଗୁଣପୁର ଯୁବ ଉନ୍ନୟନ ସଂଗଠନ ପକ୍ଷରୁ ସ୍ୱଚ୍ଛତା ସମ୍ପର୍କିତ ବିଭିନ୍ନ ସମସ୍ୟା ନେଇ ଉପଜିଲାପାଳ ଅମ୍ରିତ ଋତୁରାଜ ଏବଂ ପୌର ପରିଷଦର ନିର୍ବାହୀ ଅଧିକାରୀ ଭାବଗ୍ରାହୀ ସାହୁଙ୍କୁ ବୁଧବାର ଏକ ଦାବିପତ୍ର ପ୍ରଦାନ କରାଯାଇଛି। ସହରର ବିଭିନ୍ନ ସ୍ଥାନରେ ଛତୁ ଫୁଟିଲା ପରି ହୋଟେଲ, ଉଠାଦୋକାନ, ଠେଲା ଦୋକାନ ଗଢି ଉଠୁଛି। ଏଥିରେ ଫାଷ୍ଟଫୁଡ ଭଳି ଓ ବିଭିନ୍ନ ରନ୍ଧାଖାଦ୍ୟ ବିକ୍ରି ହେଉଛି। କିନ୍ତୁ ସେଗୁଡିକର ମାନ ଯାଞ୍ଚ କରାଯାଉ ନାହିଁ। ଏହାଛଡା ଅସ୍ୱାସ୍ଥ୍ୟକର ପରିବେଶରେ ଖାଦ୍ୟ ବିକ୍ରି କରାଯାଉଛି। ସେଗୁଡିକ ଖାଇ ଲୋକମାନେ ବିଭିନ୍ନ ସମୟରେ ରୋଗର ଶିକାର ହେଉଛନ୍ତି। ହୋଟେଲ ଗୁଡିକ ଖାଦ୍ୟ ପ୍ରମାଣ ପତ୍ର ପାଇ ନ ଥିବା ଏବଂ ସ୍ୱାସ୍ଥ୍ୟ ଅଧିକାରୀ ନ ଥିବାରୁ ତାହାର ମାନ ଯାଞ୍ଚ କରାଯାଇ ପାରୁନାହିଁ। ତୁରନ୍ତ ସ୍ୱାସ୍ଥ୍ୟ ଅଧିକାରୀ ନିଯୁକ୍ତି କରିବା ସହ ନୂତନ ବସଷ୍ଟାଣ୍ଡସ୍ଥିତ ଆବର୍ଜନା ପୋଖରୀକୁ ବନ୍ଦ କରିବାକୁ ସଙ୍ଗଠନ ପକ୍ଷରୁ ଦାବି ହୋଇଛି। ସଂଗଠନର ସଂଯୋଜ କବି. ସତିଶ କୁମାର, ମୁନା ପାଣି, ଶକ୍ତି ଦାସ, ସୁମନ ସାହୁକାର, ରାମ ମହାନ୍ତି, ଚିନ୍ମୟ ପାଣିଗ୍ରାହୀ, ସନ୍ତୋଷ ଗୁରୁ ପ୍ରମୁଖ ଉପସ୍ଥିତ ଥିଲେ।

# ରୋକିବ ଅନୁପ୍ରବେଶ, ବଢ଼ିବ ନିରାପତ୍ତା

ଦେଶର ସର୍ବୋଚ୍ଚ ନ୍ୟାୟାଳୟ ଆଧାର କାର୍ଡ଼କୁ ସାମ୍ବିଧାନିକ ଭାବେ ବୈଧ କରି ଏନେଇ ଯେଉଁସବୁ କଳ୍ପନା ଜଳ୍ପନା ଓ ଦ୍ୱନ୍ଦ୍ୱ ପ୍ରକାଶ ପାଇଆସୁଥିଲା, ସେଥିରେ ଯବନିକା ଟାଣିଛନ୍ତି। ଏହା ସମ୍ପୂର୍ଣ୍ଣ ସୁରକ୍ଷିତ ଓ ଏହାଦ୍ୱାରା ବ୍ୟକ୍ତିଗତ ଗୋପନୀୟତା ପ୍ରଭାବିତ ହେବନାହିଁ ବୋଲି ଅଦାଲତ କହିଛନ୍ତି। ତେବେ କେଉଁ କ୍ଷେତ୍ରରେ ଏହା ବାଧ୍ୟତାମୂଳକ ଓ କେଉଁଠାରେ ନୁହେଁ, ତାହା ମଧ ସ୍ପଷ୍ଟ କରିଛନ୍ତି। ଏହି ରାୟ ପରେ ଆଧାର ଦେଶରେ ଅନୁପ୍ରବେଶ ରୋକିବା ସହ ଡାଟା ନିରାପତ୍ତା ବୃଦ୍ଧି କରିବ ବୋଲି ସାଧାରଣ ଜନତା ଆଶା ବ୍ୟକ୍ତ କରିଛନ୍ତି।

### ସାଧାରଣ ଲୋକେ ଉପକୃତ ହେବେ



“ ଆଧାରକାର୍ଡ଼କୁ ନେଇ ସୁପ୍ରିମକୋର୍ଟ ଯେଉଁ ରାୟ ଦେଇଛନ୍ତି, ତାହା ସାଧାରଣ ଲୋକଙ୍କ ପକ୍ଷରେ ଯାଇଛି। ଏହି ରାୟ ସ୍ୱାଗତଯୋଗ୍ୟ ଏବଂ ଐତିହାସିକ। ଏହାଦ୍ୱାରା ସାଧାରଣ ଲୋକ ଉପକୃତ ହେବେ। ସେହିପରି ପାନ୍ କାର୍ଡ ଏବଂ ଇନ୍‌କମ ଟ୍ୟାକ୍ସ ରିଟର୍ଣ୍ଣ ପାଇଁ ଆଧାର ଜରୁରୀ ବୋଲି ଯେଉଁ ରାୟ ସୁପ୍ରିମକୋର୍ଟ ଦେଇଛନ୍ତି, ତାହାର ଗୁରୁତ୍ୱ ରହିଛି।

– ଉମାଚରଣ ପଟ୍ଟନାୟକ, ଆଇନଜୀବୀ, ଗୁଣପୁର

### ଅନୁପ୍ରବେଶକାରୀଙ୍କ ପାଇଁ ସତର୍କ ଘଣ୍ଟି



“ ଆଧାର କାର୍ଡ଼କୁ ନେଇ ସୁପ୍ରିମକୋର୍ଟ ଯେଉଁ ରାୟ ଦେଇଛନ୍ତି, ସେଥିରେ ବ୍ୟକ୍ତିଗତ ତଥ୍ୟକୁ ସୁରକ୍ଷା ଦେବା ପାଇଁ ସରକାରଙ୍କୁ ନିର୍ଦ୍ଦେଶ ରହିଛି। ବେଆଇନ ଭାବେ ଭାରତରେ ବସବାସ କରୁଥିବା ଲୋକଙ୍କ ପାଇଁ ଏହା ସତର୍କ ଘଣ୍ଟି। ସେମାନେ ଯେମିତି ବିଭିନ୍ନ ସମାଜ ମଙ୍ଗଳ ଯୋଜନାର ଫାଇଦା ଆଧାରକାର୍ଡ଼ ଯୋଗୁଁ ନେଇପାରିବେ ନାହିଁ, ତା’ ପ୍ରତି ପଦକ୍ଷେପ ପାଇଁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ସେହିଭଳି ଆର୍ଥିକ ଅନଗ୍ରସର ଶ୍ରେଣୀର ଲୋକେ ଯେମିତି ବ୍ୟାଙ୍କରେ ଖାତା ଖୋଲିବେ ଓ ମୋବାଇଲ ସଂଯୋଗଟିଏ ନେଇପାରିବେ ତା ପାଇଁ ଆଧାର ବାଧ୍ୟତାମୂଳକ ନୁହେଁ ବୋଲି ସୁପ୍ରିମକୋର୍ଟ ରାୟ ଶୁଣାଇଛନ୍ତି। ବିଭିନ୍ନ ବେସରକାରୀ ସଂସ୍ଥା ଆଧାର ସଂଯୋଗ ବାଧ୍ୟତାମୂଳକ କରିପାରିବେ ନାହିଁ। ଏ ସବୁକୁ ନେଇ କୋର୍ଟଙ୍କ ରାୟ ଯୁଗାନ୍ତକାରୀ ପଦକ୍ଷେପ।

–ଶଶୀଭୂଷଣ ମହାନ୍ତି, ଅଧ୍ୟାପକ, ଗୁଣପୁର କଲେଜ

### ଆଧାରକୁ ନେଇ ବ୍ୟବସାୟୀଙ୍କ ଆଶଙ୍କା ହଟିଲା



“ ଆଜି ଭାରତର ସର୍ବୋଚ୍ଚ ନ୍ୟାୟାଳୟ ଆଧାରକାର୍ଡ଼ ସମ୍ବନ୍ଧରେ ଯେଉଁ ରାୟ ପ୍ରକାଶ କରିଛନ୍ତି ତାହା ସ୍ୱାଗତଯୋଗ୍ୟ। ବିଶେଷକରି ବ୍ୟାଙ୍କ ଏବଂ ଟେଲିଫୋନ ସେବା ପାଇଁ ଆଧାର ଜରୁରୀ ନୁହେଁ, ତାହା ସ୍ପଷ୍ଟ ହୋଇଛି। ଆଧାରକୁ ନେଇ ଅନେକ ବ୍ୟବସାୟୀଙ୍କ ଯେଉଁ ଆଶଙ୍କା ଥିଲା, ତାହା ଦୂର ହୋଇଛି ।

– ଏସ୍. ସୂରଜ କୁମାର ଦାସ, ବ୍ୟବସାୟୀ, ମାଲକାନଗିରି

### ଅନୁପ୍ରବେଶକାରୀଙ୍କୁ ରୋକିବ



“ ଆଧାର କାର୍ଡ଼ ଉପରେ ସର୍ବୋଚ୍ଚ ନ୍ୟାୟାଳୟ ଆଜି ଯେଉଁ ରାୟ କରିଛନ୍ତି, ତାହା ସ୍ୱାଗତଯୋଗ୍ୟ। ଭାରତର ପ୍ରକୃତ ନାଗରିକଙ୍କ ପାଇଁ ଏହାର ଆବଶ୍ୟକତା ରହିଥିଲା। ଅନେକ ବିଦେଶୀ ଦେଶରେ ଅନୁପ୍ରବେଶ କରି ନକଲି ପରିଚୟପତ୍ର ମାଧ୍ୟମରେ ଯେଉଁସବୁ ସୁବିଧା ସହଜରେ ହାସଲ କରିପାରୁଥିଲେ, ସେଥିରେ ରୋକ ଲାଗିପାରିବ।

– ଦେବହରି ଦଳେଇ, ମାଲକାନଗିରି

### ସମସ୍ତେ ଉପକୃତ ହେବେ



“ ଆଧାରକୁ ନେଇ ସୁପ୍ରିମକୋର୍ଟ ଯେଉଁ ଚୂଡ଼ାନ୍ତ ରାୟ ଶୁଣାଇଛନ୍ତି ତାହା ସ୍ୱାଗତଯୋଗ୍ୟ । ପୂର୍ବରୁ ସମସ୍ତ କ୍ଷେତ୍ରରେ ଆଧାର କାର୍ଡ଼ ଦରକାର ହେଉଥିବାବେଳେ ବର୍ତ୍ତମାନ କେତେକ ନିର୍ଦ୍ଦିଷ୍ଟ କ୍ଷେତ୍ରରେ ଏହା ବ୍ୟବହାର ହେବ ବୋଲି ଯେଉଁ ନିୟମ ହୋଇଛି, ଏହାଦ୍ୱାରା ସମସ୍ତେ ଉପକୃତ ହେବେ।

–ସିଦ୍ଧେଶ୍ୱର ମିଶ୍ର, ବରିଷ୍ଠ ଆଇନଜୀବୀ, ପାରଳାଖେମୁଣ୍ଡି

### ଡାଟା ସୁରକ୍ଷିତ ରହିପାରିବ



“ ଆଧାର କାର୍ଡ଼କୁ ନେଇ ସୁପ୍ରିମକୋର୍ଟଙ୍କ ଖଣ୍ଡପୀଠ ଯେଉଁ ଆଇନ ଆଣିଛନ୍ତି, ଏହାଦ୍ୱାରା ଜନସାଧାରଣ ଉପକୃତ ହେବେ। ସାଧାରଣ ଲୋକଙ୍କ ସମେତ ଆଧାର କାର୍ଡ଼ରେ ରହିଥିବା ଡାଟାଗୁଡ଼ିକ ସୁରକ୍ଷିତ ରହିପାରିବ। କିଛି ନିର୍ଦ୍ଦିଷ୍ଟ କ୍ଷେତ୍ରରେ ଏହାର ବ୍ୟବହାର ଦ୍ୱାରା ଏହି କାର୍ଡ଼ର ମାନ ଠିକ୍ ରହିବ।

– ଅରୁଣ କୁମାର ପଟ୍ଟନାୟକ, ସାମାଜିକ କର୍ମୀ, ପାରଳାଖେମୁଣ୍ଡି

## ବିଦ୍ୟୁତ ସ୍ପର୍ଶରେ ଜଣେ ମୃତ

କୋରାପୁଟ/ନାରାୟଣପାଟଣା,୨୬।୯(ସ୍ୱ.ପ୍ର./ଡି.ଏନ୍.ଏ.): ନାରାୟଣପାଟଣା ବ୍ଲକ ପିପଲପଦରରେ ବୁଧବାର ବିଦ୍ୟୁତ ତାର ସ୍ପର୍ଶରେ ଆସି ଅଲେଖ ମେଲକାଙ୍କ ମୃତ୍ୟୁ ହୋଇଛି। ଏନେଇ ନାରାୟଣପାଟଣା ଥାନାରେ ୧୩/୨୦୧୮ରେ ମାମଲା ରୁଜୁ ହୋଇଛି।

# ଜୁଆଆଡ୍ଡାରେ ଚଢ଼ାଉ, ୧୦ ଗିରଫ

## ୧୩ ବାଇକ୍, ୧୦ ମୋବାଇଲ, ନଗଦ ୭୬,୨୯୦ ଟଙ୍କା ଜବତ

ଜେକେପୁର, ୨୬।୯(ଡି.ଏନ୍.ଏ.)

ରାୟଗଡା ସହର ନିକଟସ୍ଥ କନ୍ଧମାଳିଗାଁ ପାଖରେ ଏକ ସ୍ଥାନରେ ଜୁଆଖେଳ ଚାଲିଥିବା ଖବର ପାଇ ଚାନ୍ଦିଲି ପୋଲିସ ଚଢ଼ାଉ କରି ଘଟଣାସ୍ଥଳରୁ ୧୦ଜୁଆଡିଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଛି। ସେମାନଙ୍କ ନିକଟରୁ ୧୦ଟି ମୋବାଇଲ ଫୋନ, ୧୩ଟି ବାଇକ୍ ସହ ନଗଦ ୭୬ ହଜାର ୨୯୦ ଟଙ୍କା ଜବତ କରାଯାଇଛି। ଘଟଣାସ୍ଥଳରୁ ଅନ୍ୟ ୧୦ଜଣ ଜୁଆଡି ଫେରାର ହେବାରେ ସଫଳ ହୋଇଛନ୍ତି। ଗିରଫ ଜୁଆଡିମାନେ ହେଲେ କାର୍ତ୍ତିକ କୌଶଲ୍ୟା, କିରଣ କୁମାର ବେହେରା, ଯତିନ ନନ୍ଦ, କେ.ରାଇ, କ୍ରିଷ୍ଣା ବିଡିକା, ଚିନା ବାବୁ, ଆଦିକନ୍ଦ ମହାରଣା, ସତ୍ୟ ନାରାୟଣ ସୁଙ୍କାରି, ବିନାସେଟି ବେନୁ ଉଦ୍ରାୟା, ଶ୍ୟାମ କୁମ୍ଭ। ଚାନ୍ଦିଲି ଥାନା କନ୍ଧମାଳିଗାଁରେ ଜୁଆଖେଳ ଚାଲିଥିବା ନେଇ ରାୟଗଡା ଏସଡିପିଓ ରାଜ କିଶୋର ଦାସ ଖବର ପାଇଥିଲେ। ପରେ ଦାସଙ୍କ ତତ୍ତ୍ୱାବଧାନରେ ଏକ ସ୍ପେଶାଲ ସ୍କ୍ୱାଡ୍ ଗଠନ କରାଯାଇ ଚଢ଼ାଉ କରାଯାଇଥିଲା। ଗିରଫ ଜୁଆଡିଙ୍କ ବିରୋଧରେ ଚାନ୍ଦିଲି ଥାନାରେ କେସ୍ ନମ୍ବର ୧୦୭/୧୮ରେ ମାମଲା ରୁଜୁ କରାଯାଇଛି। ଚଢ଼ାଉ ବେଳେ ଚାନ୍ଦିଲି ଥାନାଧିକାରୀ ମନୋଜ ବେହେରା, ଏସ୍.ଆଇ. ପ୍ରସନ୍ନ ମିଶ୍ର, ଏସ୍ଆଇ ପି.ପୁହାନ, କନଷ୍ଟେବଲ ଏନ୍ଏନ୍ ପଣ୍ଡା, ଡିବି ତରାଇ, ଟି.ଗମାଙ୍ଗ ଓ ରାୟଗଡା ଥାନାଧିକାରୀ କୃଷ୍ଣଚନ୍ଦ୍ର ଭତ୍ରା ଉପସ୍ଥିତ ଥିଲେ।

**SBI ଭାରତୀୟ ଷ୍ଟେଟ୍ ବ୍ୟାଙ୍କ**
ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା,
ପ୍ଲଟ୍ ନଂ.: ୭୬୮, ପ୍ରଥମ ମହଲା, ସହୀଦ ନଗର, ଭୁବନେଶ୍ୱର, ଫୋନ୍: ୦୬୭୪-୨୫୪୯୭୬୩

**ଦଖଲ ନୋଟିସ୍** (ସ୍ଥାବର ସମ୍ପତ୍ତି ନିମନ୍ତେ) [ରୁଲ୍ ୮(୧)]

**ସରଫେଶୀ ଆକ୍ଟ ୨୦୦୨ର ଧାରା ୧୩(୪) ଅନୁଯାୟୀ ଦଖଲ ନିଆଯାଇଥିବା ସମ୍ପତ୍ତି ସମ୍ବନ୍ଧୀୟ ବିଜ୍ଞପ୍ତି ପ୍ରକାଶନ**

ଏତଦ୍‌ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକସନ ଅଫ୍ ଫାଇନାନ୍‌ସିଆଲ୍ ଆସେଟସ୍ ଆଣ୍ଡ ଏନଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ (୨୦୦୨ ର ୫୪) ଏବଂ ଧାରା ୧୩(୧୨) ଅନୁଯାୟୀ ପ୍ରଦତ୍ତ କ୍ଷମତା ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ ୩ ଅନୁଯାୟୀ ନିମ୍ନଲିଖିତ ଆକାଉଣ୍ଟକୁ ନିମ୍ନଦର୍ଶିତ ତାରିଖରେ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ ମାଧ୍ୟମରେ ଦର୍ଶାଯାଇଥିବା ଋଣ ରାଶି କଥିତ ନୋଟିସ୍ ପାଇବାର ୬୦ ଦିନ ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା।
ଯେହେତୁ ଋଣଗ୍ରହୀତା ଋଣ ପଇଠ କରିପାରିଲେ ନାହିଁ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତାଙ୍କୁ ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ ଉପରକଥିତ ଆକ୍ଟର ଧାରା ୧୩(୪) ସହିତ କଥିତ ଆକ୍ଟର ରୁଲ ୮ ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ନିମ୍ନସ୍ୱାକ୍ଷରକାରୀ ନିମ୍ନରେ ବର୍ଣ୍ଣିତ ସମ୍ପତ୍ତି ନିମ୍ନଦର୍ଶିତ ତାରିଖରେ **ଦଖଲ** ନେଇଛନ୍ତି। ତେଣୁ ବିଶେଷତଃ ଋଣଗ୍ରହୀତାଙ୍କୁ ଏବଂ ସର୍ବସାଧାରଣଙ୍କୁ ଏତଦ୍‌ଦ୍ୱାରା ଜଣାଇ ଦିଆଯାଉଛି ଯେ, ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଉକ୍ତ ସମ୍ପତ୍ତି ଉପରେ କୌଣସି କାରବାର କଲେ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସୁଧ ଏବଂ ସେବାବଦ ଅନ୍ୟାନ୍ୟ ଖର୍ଚ୍ଚ ନିମନ୍ତେ **ଭାରତୀୟ ଷ୍ଟେଟ୍ ବ୍ୟାଙ୍କ** ନିକଟରେ ଉତ୍ତରଦାୟୀ ରହିବେ। **ଏତଦ୍‌ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮)ର ବ୍ୟବସ୍ଥା ଅନୁଯାୟୀ ସେମାନଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକ ମୁକ୍ତ କରନ୍ତୁ।**

| ଆକାଉଣ୍ଟର ନାମ / ଋଣଗ୍ରହୀତାଙ୍କ ନାମ ଏବଂ ଠିକଣା | ସମ୍ପତ୍ତି ମାଲିକଙ୍କ ନାମ | ବନ୍ଧକପ୍ରାପ୍ତ ସମ୍ପତ୍ତିର ବିବରଣୀ | ଡିମାଣ୍ଡ ନୋଟିସ୍ ତାରିଖ | ଦଖଲ ତାରିଖ | ବକେୟା ପରିମାଣ |
|---|---|---|---|---|---|
| ଋଣଗ୍ରହୀତା: ଶ୍ରୀ ଭାଗ୍ୟଧର ସାହୁ, ପ୍ଲଟ୍ ନଂ.: ଏନ୍-୬/୨୩୦, ଅଶୋକ ଟାରୁ ନିବାସ, ଫ୍ଲାଟ୍ ନଂ.: ୪୦୧, ୟୁନିଟ୍-୩, ଖାରବେଳ ନଗର, ଭୁବନେଶ୍ୱର-୭୫୧୦୦୧ | ସମ୍ପତ୍ତିର ମାଲିକ: ଶ୍ରୀ ଭାଗ୍ୟଧର ସାହୁ | ଶ୍ରୀ ଭାଗ୍ୟଧର ସାହୁଙ୍କ ନାମରେ ଥିବା ସମ୍ପତ୍ତି (ଜମି ଏବଂ ଗୃହ)ର ସମସ୍ତ ଅଂଶବିଶେଷ ଯାହାର ମୌଜା: ଅଟଳା, ତହସିଲ/ଏସ୍ଆରଓ: ବାଲିଅନ୍ତା, ଥାନା ନଂ.: ୧୬, ଜିଲ୍ଲା: ଖୋର୍ଦ୍ଧା, ଖାତା ନଂ.: ୩୫୯/୨୩୭, ପ୍ଲଟ୍ ନଂ.: ୨୨୭/୮୬୬, କ୍ଷେତ୍ର: ଏକର୦.୦୯୨ଡିସିମିଲି, ଅନୁରୂପ ସାବକ ଖାତା ନଂ.: ୩୫୯/୧୦୮, ପ୍ଲଟ୍ ନଂ.: ୨୨୭, କିସମ: ଘରବାରି, ସଂଶୋଧିତ ମ୍ୟୁଟେଟେଡ଼ ଖାତା ନଂ.: ୩୫୯/୮୦୧, ପ୍ଲଟ୍ ନଂ.: ୨୨୭/୮୬୬, କ୍ଷେତ୍ର: ଏକର୦.୦୯୨ଡିସିମିଲି, ଏହାର ଚାରିପାର୍ଶ୍ୱରେ- ଉତ୍ତର: ସବ୍ ପ୍ଲଟ୍ ନଂ.: ୭୧ ଏବଂ ୭୨, ଦକ୍ଷିଣ: ରାସ୍ତା, ପୂର୍ବ: ସବ୍ ପ୍ଲଟ୍ ନଂ.: ୭୬, ପଶ୍ଚିମ: ସବ୍ ପ୍ଲଟ୍ ନଂ.: ୭୩ | ୧୧.୦୫.୨୦୧୮ | ୨୫.୦୯.୨୦୧୮ | ୧୧.୦୫.୨୦୧୮ ସୁଦ୍ଧା ଟ.୪୯,୪୭,୮୮୯/- + ପରବର୍ତ୍ତୀ ସୁଧ, ଆଇନଗତ ଖର୍ଚ୍ଚ ଏବଂ ସେବାବଦ ଦେୟ |

ତାରିଖ: ୨୫.୦୯.୨୦୧୮
ସ୍ଥାନ: ଭୁବନେଶ୍ୱର

ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ,
ଭାରତୀୟ ଷ୍ଟେଟ୍ ବ୍ୟାଙ୍କ



